# Akashvani, Sambalpur

## SAMBALPURI NEWS BULLETIN

### 23 March 2024- 6.47- 6.52 am.

*********************************************

ମୁଖ୍ୟ ନିର୍ବାଚନ୍ ଅଧିକାରୀ-କୋରାପୁଟ୍  ଆର୍‌ଏନ୍‌ୟୁ / ସମ୍ବଲପୁର

ମୁଖ୍ୟ ନିର୍ବାଚନ୍ ଅଧିକାରୀ ନିକୁଞ୍ଜ ବିହାରୀ ଧଳ ଆଉ ରାଜ୍ୟ ପୁଲିସ୍ ନୋଡ଼ାଲ୍ ଅଧିକାରୀ ସଞ୍ଜୟ କୁମାର୍ ଅବିଭକ୍ତ କୋରାପୁଟ୍ ଜିଲ୍ଲା ଗସ୍ତଥି ଆସିକରି ଏକାସାରି ହେବାର୍‌କେ ସାଧାରଣ ନିର୍ବାଚନ୍ ତୟାରିର୍ ସମୀକ୍ଷା କରିଛନ୍ । କୋରାପୁଟ୍ ଠାନେ ହେଇଥିବା ଇ ସମୀକ୍ଷା ବୈଠକ୍‌ଥି କୋରାପୁଟ୍, ରାୟଗଡ଼ା, ମାଲ୍‌କାନ୍‌ଗିରି ଆର୍ ନବରଙ୍ଗ୍‌ପୁର୍ ଜିଲ୍ଲାର୍ ଜିଲ୍ଲାପାଲ୍ ଆର୍ ଜିଲ୍ଲା ନିର୍ବାଚନ୍ ଅଧିକାରୀ , ଡିଆଇଜି ଚାର୍‌ହି ଜିଲ୍ଲାର୍ ଏସ୍.ପି. ଆର୍ ରିଟର୍ଣ୍ଣିଂ ଅଫିସର୍ ମାନେ ସାମିଲ୍ ହେଇଛନ୍ । ସି-ଭିଜିଲ୍, ସୁବିଧା ପୋର୍ଟାଲ୍, ଏନ୍‌କୋର୍ ନୋଡ଼ାଲ୍ ଅଧିକାରୀ ବାଗିର୍ ଆପ୍ ଜରିଏ ନିର୍ବାଚନ୍ ପରିଚାଳନା ସହଜ୍ ଭାବେ କର୍‌ବାର୍ ଉପ୍‌ରେ ରାଜ୍ୟ ମୁଖ୍ୟ ନିର୍ବାଚନ୍

ଅଧିକାରୀ ଆଲୋଚନା କରିଥିଲେ । ପୋଷ୍ଟାଲ୍ ବାଲାଟ୍, ନିର୍ବାଚନ ଆଚରଣ୍ ବିଧି ବିଷେଥି ଆଲୋଚନା କରିକରି ମତଦାତାମାନ୍‌କୁ କେନ୍ଦ୍ରଥି ରଖିକରି ନିର୍ବାଚନ୍ ପରିଚାଲନା ଲାଗି ନିର୍ଦ୍ଦେଶ୍ ଦେଇଥିଲେ । ମତଦାତା ମାର୍ଗଦର୍ଶିକାକେ ମତଦାନ୍‌ର ନିମନ୍ତ୍ରଣ ପତ୍ର ଭାବେ ଫି ପରିବାର୍ ପାଶେ ପୁହୁଁଚେଇକରି ନିର୍ବାଚନ୍‌କେ ଗୁଟେ ଜାତୀୟ ଉତ୍ସବ୍ ଭାବେ ପାଲନ୍ କର୍‌ବାର୍ ଲାଗି ଶ୍ରୀ ଧଳ ପରାମର୍ଶ ଦେଇଥିଲେ ।

ଶ୍ରୀମନ୍ଦିର୍- ନାଟ୍‌ମଣ୍ଡପ୍                ଆର୍‌ଏନ୍‌ୟୁ / ସମ୍ବଲପୁର

ପୁରୀ ଶ୍ରୀମନ୍ଦିର୍ ନାଟମଣ୍ଡପ୍‌ର ମରାମତି କାମ୍ ପୁରା ହେଇଛେ । ଧାରିଜ୍ ସମିଆ ଆଗ୍‌ରୁ ନାଟମଣ୍ଡପ୍ ନ ଦେଖାଦେଇଥିବାର୍ ଫାଟ ମରାମତି କରାଯାଇକରି ଷ୍ଟେନ୍‌ଲେସ୍ ଷ୍ଟିଲ୍ ଭରାଯାଇଛେ । ଇ ବାବ୍‌ଦେ ଭାରତୀୟ ପ୍ରତ୍ନତାତ୍ତ୍ୱିକ ସଂସ୍ଥା- ଏଏସ୍‌ଆଇର ପୁରୀ ସର୍କଲ୍ ଅଧିକାରୀ ସୂଚ୍‌ନା ଦେଇଛନ୍ । ଇତାର୍ ଉତ୍‌ରୁ ରତ୍ନଭଣ୍ଡାର୍ ମରାମତିକେ ପ୍ରାଥମିକତା ଦିଆଯିବା ବଲି ସେ କହିଛନ୍ । ଇନ ଜନେଇ ଦିଆଯାଇପାରେ ଯେ, ନାଟମଣ୍ଡପ୍ ମରାମତି ଲାଗି ଗଲାମାସର୍ ୨୩ ତାରିଖ୍‌ନୁ ଇ ମାସର୍ ୧୯ ତାରିଖ୍‌ତକ୍ ସ୍ୱତନ୍ତ୍ର ନୀତି ନିର୍ଘଂଟ ହେଇଥିଲା ।

‘ପୁଷ୍ପକ’ର ତୃତୀୟ ପରୀକ୍ଷଣ୍        ଆର୍‌ଏନ୍‌ୟୁ /  ସମ୍ବଲପୁର

କର୍ଣ୍ଣାଟକ୍‌ର ଛାଲ୍ଲାକିରି ଠାନେ ଥିବା ଭାରତୀୟ ମହାକାଶ୍ ଗବେଷଣା ସଂଗଠନ୍- ଇସ୍ରୋର ଏରୋନେଟିକାଲ୍ ଟେଷ୍ଟ୍ ରେଞ୍ଜ୍ ନ ଗଲାକାଏଲ୍ ପୁନଃ ବ୍ୟବହାର୍‌କ୍ଷମ ଲଂଚ୍ ଭେଇକିଲ୍ - ଆର୍‌ଏଲ୍‌ଭି ‘ପୁଷ୍ପକ’ ର ଅବତରଣ ମିଶନ୍ ସଫଲ୍ ହେଇଛେ । ପୁଷ୍ପକ ରକେଟ୍ ଗଲାକାଏଲ୍ ସଖାଲର୍ ୭ ବଜେ ଛାଲ୍ଲାକିରି ରନ୍‌ୱେନୁ ଉତ୍‌କ୍ଷେପଣ କରାଯାଇଥିଲା ଆର୍ ଇଟା ସଫଲତାର୍ ସହେତେ ଅବତରଣ୍ କରିଛେ । ଇଟା ଆର୍‌ଏଲ୍‌ଭିର ୩ ନମ୍ବର୍ ଅବତରଣ ମିଶନ୍ ଥିଲା । ପୁଷ୍ପକକେ ବାୟୁସେନାର ଗୁଟେ ହେଲକେପ୍ଟର୍‌ଥି ଆକାଶ୍ ନ ସାଢ଼େ ୪ କିଲୋମିଟର୍ ଉଚାକେ ନିଆଯାଇକରି ତଲ୍‌କେ ଉତ୍‌ରେଇ ଦିଆଯାଇଥିଲା । ଇ ଆର୍‌ଏଲ୍‌ଭି ପୁର୍‌ଥିର୍ କକ୍ଷପଥ ନ କେନ୍‌ସି ଭିଲ୍ ଉପଗ୍ରହକେ ରିଫ୍ୟୁଏଲିଂ କରିପାର୍‌ବା ଆର୍ କକ୍ଷପଥନୁ ବାହାର୍‌କେ ଆନିକରି ମରାମତି ଆର୍ ଯନ୍ତ୍ର ବଦ୍‌ଲେଇପାର୍‌ବା ।

ଜିଲ୍ଲାପାଲ୍‌ଙ୍କର୍ ନିର୍ବାଚନ୍ ସମୀକ୍ଷା        ବର୍‌ଗଡ୍ ସମ୍ବାଦଦାତା

ବର୍‌ଗଡ୍ ଜିଲ୍ଲା ନ ସାଧାରଣ ନିର୍ବାଚନ୍ ତୟାରି ବାବ୍‌ଦେ ଗଲାକାଏଲ୍ ଜିଲ୍ଲାପାଲ୍ ଆଉ ଜିଲ୍ଲା ନିର୍ବାଚନ ଅଧିକାରୀ ଆଦିତ୍ୟ ଗୋୟେଲ୍ ସମୀକ୍ଷା କରିଛନ୍ । ଆଦର୍ଶ ମତଦାନ୍ କେନ୍ଦ୍ରମାନ୍‌କେ ଦର୍‌କାରୀ ବ୍ୟବସ୍ଥା, ମତଦାନ୍ କେନ୍ଦ୍ର ମାନ୍‌କେ ସ୍ୱେଚ୍ଛାସେବୀ ନିୟୋଜନ୍, ଆନ୍ତଃରାଜ୍ୟ ସୀମା ନ ମତଦାନ୍ କେନ୍ଦ୍ର ମାନ୍‌କର୍ ସମନ୍ୱୟ ରିଟର୍ଣ୍ଣିଂ ଅଫିସର୍ ମାନ୍‌କର୍ ପ୍ରଶିକ୍ଷଣ ବାବ୍‌ଦେ ସେ ଜିଲ୍ଲାସ୍ତରୀୟ ଅଧିକାରୀମାନ୍‌କର୍‌ନୁ ପଚ୍‌ରେଇ ବୁଝିଥିଲେ । ପରିବେଶ୍ ଅନୁକୂଲ୍ ମତଦାନ୍ କେନ୍ଦ୍ର ଚିହ୍ନଟ୍, ପୁଲିଂ - ରିଟର୍ଣ୍ଣିଂ ଅଧିକାରୀମାନ୍‌କୁ ନିଯୁକ୍ତି ପତ୍ର ବାବ୍‌ଦେ ଭିଲ୍ ଜିଲ୍ଲାପାଲ୍ ସମୀକ୍ଷା କରିଥିଲେ ।

## ନିର୍ବାଚନ୍- ପୁଲିସ୍ ଫ୍ଲାଗ୍‌ମାର୍ଚ୍ଚ

ଦେବ୍‌ଗଡ୍ ସମ୍ବାଦଦାତା

ଦେବ୍‌ଗଡ୍ ଜିଲ୍ଲା ନ ସାଧାରଣ୍ ନିର୍ବାଚନ୍‌କେ ସ୍ୱଚ୍ଛ ଆଉ ଅବାଧ ପରିଚାଳନା କର୍‌ବାର୍ ଲାଗି ଜିଲ୍ଲା ପୁଲିସ୍ ତର୍‌ଫୁ ତୟାରି କରାଯାଉଛେ । ଇତାକେ ନଜର୍‌ଥି ରଖିକରି ଗଲାକାଏଲ୍ ଦେବ୍‌ଗଡ୍ ସହରେ ପୁଲିସ୍ ତର୍‌ଫୁ ଫ୍ଲାଗ୍‌ମାର୍ଚ୍ଚ କରାଯାଇଥିଲା । ଦେବ୍‌ଗଡ୍ ଆଦର୍ଶ ଥାନାନୁ ମୁଲ୍ କରିକରି ଜିଲ୍ଲାର୍ ପୁଲିସ୍

ଅଧିକାରୀ ଆଉ ସଶସ୍ତ୍ର ବାହିନୀ  ସହରର୍ ଭିନ୍ ଭିନ୍ ଜାଗା ନ ଫ୍ଲାଗ୍‌ମାର୍ଚ୍ଚ କରିଥିଲେ ।

ଶହୀଦ୍ ଦିବସ୍                    ଆର୍‌ଏନ୍‌ୟୁ /  ସମ୍ବଲପୁର

୧୯୩୧ ମସିହା ମାର୍ଚ୍ଚ ୨୩ ତାରିଖ୍ ଦିନ ସ୍ୱାଧୀନତା ସଂଗ୍ରାମୀ ଭଗତ୍ ସିଂ, ସୁଖଦେବ୍ ଥାପର୍ ଆର୍ ଶିବରାଜ୍ ରାଜ୍‌ଗୁରୁଙ୍କୁ ଫାଶି ଦିଆଯାଇଥିଲା । ସେଦିନ୍‌କେ ଶହୀଦ୍ ଦିବସ୍ ଭାବେ ସାରାଦେଶେ ପାଲନ୍ କରାଯାଉଛେ । ବ୍ରିଟିଶ୍ ଶାସନ୍ ସମିଆଥି ଲାଲା ଲଜ୍‌ପତ୍ ରାୟ ସାଇମନ୍ କମିଶନ୍ ବିରୋଧ୍ ନ ଆନ୍ଦୋଲନ୍ କରୁଥିବାର୍ ବେଲେ ବ୍ରିଟିଶ୍ ପୁଲିସ୍ ମାଡ଼୍ଥି ଜଖମ୍ ହେଇକରି ଜୀବନ୍ ହରେଇଥିଲେ । ଇ ଘଟ୍‌ନାର୍ ପ୍ରତିଶୋଧ୍ ନେବାର୍ ଲାଗି ସଂଗ୍ରାମୀ ଭଗତ୍ ସିଂ, ସୁଖ୍‌ଦେବ ଥାପର୍ ଆର୍ ଶିବରାଜ ରାଜ୍‌ଗୁରୁ ଆଉ ଝନେ ସଂଗ୍ରାମୀ ଚନ୍ଦ୍ରଶେଖର୍ ଆଜାଦ୍‌ଙ୍କର୍ ସହେତେ ମିଶିକରି ବ୍ରିଟିଶ୍ ପୁଲିସ୍ ଅଧିକାରୀଙ୍କର୍ ଉପ୍‌ରେ ଗୁଲି ଚଲେଇଥିଲେ । ଇତାର୍ ଶୁଣାଣିଥି ତିନ୍‌ହି ସ୍ୱାଧୀନତା ସଂଗ୍ରାମୀଙ୍କୁ ଫାଶି ଦଣ୍ଡ ଦିଆଯାଇଥିଲା ।

ଡେବ୍ରିଗଡ଼୍- ହାଇକିଂ (ପାଦଚଲା)          ଆର୍‌ଏନ୍‌ୟୁ/ସମ୍ବଲ୍‌ପୁର୍

ହୀରାକୁଦ୍ ଜଲ୍‌ଭଣ୍ଡାର୍ ଖଁଡ଼ି ନ ଥିବା ଡେବ୍ରିଗଡ୍ ଅଭୟାରଣ୍ୟ ନ ୩ ଦିନ୍ ଧରିକରି ଚାଲିଥିବା ହାଇକିଂ ଉଦ୍‌ଯାପିତ୍ ହେଇଛେ । ଇଥି ଓଡ଼ିଶା ସହେତେ ୧୨ ଟା ରାଜ୍ୟର୍ ଅଭିଜ୍ଞ ପର୍ବତାରୋହୀମାନେ ସାମିଲ୍ ହେଇଥିଲେ । ପ୍ରକୃତି ଶିକ୍ଷା କାର୍ଯ୍ୟକ୍ରମ୍‌ଥି ଅଭୟାରଣ୍ୟର ପଶୁପକ୍ଷୀ ଆଉ ପ୍ରାକୃତିକ ସମ୍ପଦ୍ ବାବ୍‌ଦେ ଜନାବାର୍ ଲାଗି ହୀରାକୁଦ୍ ବନ୍ୟପ୍ରାଣୀ ଡିଭିଜନ୍ ତର୍‌ଫୁ ଇ ହାଇକିଂ ଆୟୋଜନ୍ କରାଯାଇଥିଲା । ଅଂଶଗ୍ରହଣକାରୀମାନେ ଡେବ୍ରିଗଡ୍ ଅଭୟାରଣ୍ୟର୍ ପାହାଡ୍, ଶୃଙ୍ଗ, ଗିରିପଥ ନ ପଦଯାତ୍ରା କର୍‌ବାର୍ ସହେତେ ଜଲ୍‌ଭଣ୍ଡାର୍ ଭିତ୍‌ରେଥିବାର୍ ବେଟ୍ ଆଇଲାଣ୍ଡ୍ ଆର୍ କେଟେଲ୍ ଆଇଲାଣ୍ଡ୍ ଭିଲ୍ ବୁଲି ଦେଖିଥିଲେ ।

୨୮ ଓଏଏସ୍ ଙ୍କର୍ ବଦ୍‌ଲି ଆର୍‌ଏନ୍‌ୟୁ / ସମ୍ବଲପୁର

ରାଜସ୍ୱ ବିଭାଗ୍ ତର୍‌ଫୁ ୨୮ ଝନ୍ ଓଡ଼ିଶା ପ୍ରଶାସନିକ୍ ସେବା- ଓଏଏସ୍ ଅଧିକାରୀଙ୍କର୍ ଅଦଲ୍ ବଦଲ୍ କରାଯାଇଛେ । ଗଲାକାଏଲ୍ ଇ ବାବ୍‌ଦେ ବିଭାଗ୍ ତର୍‌ଫୁ ବିଜ୍ଞପ୍ତି ବାହାର୍ କରାଯାଇଥିଲା ।

କଳାହାଣ୍ଡି କପ୍ - କ୍ରିକେଟ୍ ଆର୍‌ଏନ୍‌ୟୁ / ସମ୍ବଲପୁର

ଓଡ଼ିଶା କ୍ରିକେଟ୍ ଆସୋସିଏସନ୍ ତର୍ଫ଼ୁ କଟକ୍‌ର ଭିନ୍ ଭିନ୍ ଷ୍ଟାଡ଼ିୟମ୍ ନ ଚାଲିଥିବା କଳାହାଣ୍ଡି କପ୍ କିକେଟ୍‌ର ୬ ଟା ମେଚ୍ ଗଲାକାଏଲ୍ ଖେଲାଯାଇଥିଲା । ଇଥି ସୁନ୍ଦର୍‌ଗଡ଼୍, ଇକୋର୍ଷା, କଟକ୍ - ବି , କଟକ୍-ଏ, ଝାର୍‌ସୁଗୁଡ଼ା ଆର୍ ଯାଜ୍‌ପୁର୍ ଦଲ୍ ଜିତିଛନ୍ । ସୁନ୍ଦର୍‌ଗଡ଼୍ ଟିମ୍- ଭୁବନେଶ୍ୱର୍‌କେ, ଇକୋର୍ଷା ଟିମ୍- ଖୋର୍ଦ୍ଧା, କଟକ୍-ଏ ଟିମ୍-ରାଉର୍‌କେଲାକେ ହରେଇଛନ୍ । ହେନ୍ତା ଝାର୍‌ସୁଗୁଡ଼ା ଏକାଦଶ- ଢେଙ୍କାନାଲ୍‌କେ ହରେଇଥିଲା ।

ସିବିଏସ୍‌ଇ- ଅନୁବନ୍ଧନ ପ୍ରତ୍ୟାହାର୍ ଏନ୍‌ଏସ୍‌ଡି

କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ଼- ସିବିଏସ୍‌ଇ ୨୦ ଟା ସ୍କୁଲ୍ ନୁ ଅନୁବନ୍ଧନ୍ ଘୁଂଚେଇ ନେଇଥିବା ଜନାପଡ଼ିଛେ । ପରୀକ୍ଷା ସମିଆଥି କପି ହେଇଥିବାର୍‌ନୁ ସିବିଏସ୍‌ଇ ତର୍ଫ଼ୁ ଇ କାର୍ଯ୍ୟାନୁଷ୍ଠାନ୍ ନିଆଯାଇଛେ । ଇ ସ୍କୁଲ୍ ମାନ୍‌କର୍ ଭିତ୍‌ରେ ଦିଲ୍ଲୀର୍ ୫ ଟା ସ୍କୁଲ୍ ରହିଛନ୍ ।